ସକାଳ
THE SAKALA



www.sakalaepaper.com

### ଟ୍ରେନ୍‌ରେ ବିନା ଟିକଟ ଯାତ୍ରା ବଢୁଛି

# ଦେଢ଼ ମାସରେ ୮୪୪୩ ମାମଲା, ୪୮ ଲକ୍ଷ ଜରିମାନା ଆଦାୟ

ବାଲେଶ୍ୱର,୧୫।୫ (ସମିସ)




ବିନା ଟିକଟ ଓ ଅନିୟମିତ ଟିକଟରେ ଯାତ୍ରା କରୁଥିବା ଯାତ୍ରୀଙ୍କ ସଂଖ୍ୟା କିଛି କମ୍ ନୁହେଁ। ଏହି ଦେଢ ମାସ ମଧ୍ୟରେ ୮ ହଜାର ୪୪୩ ଟି ମାମଲା ଚିହ୍ନଟ ହୋଇଥିବା ବେଳେ ସମୁଦାୟ ୪୮ ଲକ୍ଷ ୩୩ ହଜାର ୯୩୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ରେଳବିଭାଗ ପକ୍ଷରୁ ବାଲେଶ୍ୱର ୟୁନିଟ୍ ରେ ଚାଲିଥିବା ଟିକେଟ ଚେକିଂ ଅଭିଯାନରେ ଏପ୍ରିଲ ମାସରେ ମୋଟ ୪୯୭୧ଟି ମାମଲାରୁ ୨୭,୬୩,୭୫୫ ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ମେ ମାସ ୧୩ ତାରିଖ ମଧ୍ୟରେ ୩ ହଜାର ୪୭୨ ଟି ମାମଲାରୁ ୨୦ ଲକ୍ଷ ୭୦ ହଜାର ୧୭୫ ଟଙ୍କା ଜରିମାନା ଆଦାୟ ହୋଇଛି। ଏପ୍ରିଲ ମାସର ରିପୋର୍ଟ ଅନୁଯାୟୀ, କେବଳ ବିନା ଟିକେଟରେ ଯାତ୍ରା କରୁଥିବା ୨୬୩୫ଟି ମାମଲାରୁ ୧୭,୫୯,୩୫୦ ଟଙ୍କା, ଅନିୟମିତ ଟିକେଟର ୧୯୬୭ଟି ମାମଲାରୁ ୯,୭୩,୮୨୦ ଟଙ୍କା ଏବଂ ବିନା ବୁକିଂ ଲଗେଜର ୩୬୫ଟି ମାମଲାରୁ ୨୯,୫୧୦ ଟଙ୍କା ଆଦାୟ ହୋଇଛି। ଏଥିସହ ଧୂମପାନ ଓ ଅଳିଆ ପକାଇବା ଭଳି ୪ଟି ମାମଲାରୁ ୧,୦୭୫ ଟଙ୍କା ଜରିମାନା ହୋଇଛି। ସେହିପରି ମେ' ମାସ ୧ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ମାତ୍ର ୧୩ ଦିନରେ ମୋଟ ୩୪୭୨ଟି ମାମଲାରୁ ୨୦,୭୦,୧୭୫ ଟଙ୍କା ଜରିମାନା ଆଦାୟ ହୋଇସାରିଛି। ଏଥିରେ ବିନା ଟିକେଟର ୧୪୧୦ଟି ମାମଲାରୁ ୧୦,୩୦,୭୯୦ ଟଙ୍କା ଓ ଅନିୟମିତ ଟିକେଟର ୨୦୧୮ଟି ମାମଲାରୁ ୧୦,୩୪,୯୫ ଟଙ୍କା ସାମିଲ ଅଛି। ମେ' ମାସରେ ସର୍ବାଧିକ ଜରିମାନା ୧୧ ତାରିଖରେ ଆଦାୟ ହୋଇଛି। ସେହିଦିନ ୪୫୬ଟି ମାମଲାରୁ ୩,୦୨,୮୧୦ ଟଙ୍କା ଆଦାୟ ହୋଇଛି। ହାରାହାରି ଦୈନିକ ୧.୫ ଲକ୍ଷରୁ ଅଧିକ ଟଙ୍କା ଜରିମାନା ଆଦାୟ ହେଉଛି। ରେଳବାଇ ଅଧିକାରୀଙ୍କ ସୂଚନା ଅନୁଯାୟୀ, ବିନା ଟିକଟରେ ଯାତ୍ରାକୁ ରୋକିବା ଓ ରାଜସ୍ୱ ବୃଦ୍ଧି ପାଇଁ ଟିକେଟ ଚେକିଂ ଅଭିଯାନକୁ ଆହୁରି କଡାକଡି କରାଯାଇଛି। ଯାତ୍ରୀମାନଙ୍କୁ ଉପଯୁକ୍ତ ଟିକେଟ ନେଇ ଯାତ୍ରା କରିବାକୁ ଓ ଷ୍ଟେସନ ପରିସରକୁ ସ୍ୱଚ୍ଛ ରଖିବାକୁ ଅନୁରୋଧ କରାଯାଉଛି।

## ମଥାନୀ ଚଟାଣ ପାର ହେଲେ ଦୁଇଟି ହରିଣ

ବସ୍ତା ବ୍ଲକ, ୧୫।୫ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ବହାର୍ଦ୍ଧା-ମଥାନୀ ଛକ ମଧ୍ୟରେ ରହିଥିବା ଚଟାଣରେ ରାତିରେ ଦୁଇଟି ହରିଣ ରାସ୍ତା ପାର ହେବା ଘଟଣା ସାମ୍ନା କୁ ଆସିଛି। ଜନୈକ ବ୍ୟକ୍ତି ମଥାନୀ ଅଭିମୁଖେ ଯାଉଥିବା ବେଳେ ଏହି ଘଟଣା ଘଟି ଥିଲା। ଯାହାକୁ ନେଇ ସେ ଏକ ଫଟୋ ଉଠାଇ ଥିଲେ। ଏହି ହରିଣ କେଉଁଠାରୁ ଆସିଲେ ଓ କୁଆଡେ ଗଲେ ତାକୁ ନେଇ ସାଧାରଣରେ ଆଲୋଚନା ର କେନ୍ଦ୍ର ବିନ୍ଦୁ ପାଲଟିଛି। ତେବେ ତାଙ୍କର ସୁରକ୍ଷା ନେଇ ବଡ଼ ଉଠିଛି। ପ୍ରକାଶ ଯେ ଗୁରୁବାର ରାତି ୧୦ ଟା ସମୟରେ ମଥାନୀ ଅଞ୍ଚଳ ର ଜନୈକ ବ୍ୟକ୍ତି ଏକ ବାଇକ୍ ରେ ଯାଉଥିବା ବେଳେ ଦୁଇଟି ହରିଣ ହଠାତ୍ ତାଙ୍କ ଗାଡ଼ି ଆଗ ଦେଇ ରାସ୍ତା ପାରି ହୋଇଥିଲେ। ହଠାତ୍ ହରିଣ ଦେଖି ସେ ଗାଡ଼ିକୁ ଅଟକାଇବା ବେଳକୁ ହରିଣ ଦୁଇଟି ଜଳକା ନଦୀକୁ ଅତିକ୍ରମ କରିଥିଲେ। ଫଳରେ ବ୍ୟକ୍ତି ଜଣଙ୍କ ନିଜ ବାଇକ୍ ଲାଇଟ୍ ତାଙ୍କ ଉପରକୁ ପକାଇ ଫଟୋ ଉଠାଇଥିଲେ।



ନଦୀ ପରେ କେବଳ ଚାଷ ଜମି ଥିବା ସହିତ ଜନବସତି

**ସୁରକ୍ଷା ନେଇ ଉଠିଲା ପ୍ରଶ୍ନ**

ରହିଛି। ମାତ୍ର କୌଣସି ବଣ ନାହିଁ। ଯଦି ହରିଣ ଜଳକା ନଦୀର ରେଲୱେ ପୋଲ ଅତିକ୍ରମ କରିବେ ପୋଲ ଆରପଟ ମୟୂରଭଞ୍ଜ ଜିଲ୍ଲା ରହିଛି। ହରିଣ ଯଦି ଜନବସତି ଭିତରକୁ ପଶିଯିବେ ତାହାଲେ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ଅନୁମାନ କରାଯାଉଛି। ତେବେ ହରିଣ ଦୁଇଟି କୁଆଡେ ଗଲେ ତାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ସେମାନଙ୍କର ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ଯାଞ୍ଚ ପାଇଁ ସହ ଖୋଜା ଖୋଜି କରିବାକୁ ଦାବି ହୋଇଛି।

## ପୁଅବୋହୂଙ୍କ ବିରୋଧରେ ବାପ ମାଆଙ୍କ ଅଭିଯୋଗ

କାଳିପଦା, ୧୫।୫ (ସମିସ): ବାଲିଆପାଳ ଥାନା ଅସ୍ତି ଗ୍ରାମ ପଞ୍ଚାୟତ ବଢାପାଳ ଗ୍ରାମର ନାକ ଫୁଡି ଦାସଙ୍କ ସ୍ତ୍ରୀ ସାବିତ୍ରୀ ଦାସଙ୍କୁ ଗୁରୁବାର ସକାଳେ ତାଙ୍କ ପୁଅ ବୋହୂ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଶ୍ରୀ ଦାସ ବାଲିଆପାଳ ଥାନାରେ ଅଭିଯୋଗ କରି ଘରକୁ ଫେରିବା ପରେ ପୁଣି ପୁଅ ବୋହୂଙ୍କୁ ଅକଥନୀୟ ଗାଳି ଗୁଲଜ କରିବା ସହିତ ପିଟା ମାରା କରିବାରୁ ଉଭୟେ ବାପା ମାଆ ସନ୍ଧ୍ୟା ସମୟରେ ପୁଣି ଥାନାକୁ ଆସି ଥିବାର ସୂଚନା ମିଳିଛି। ବୟସାଧିକ କାରଣରୁ ଶ୍ରୀ ଦାସ ଓ ତାଙ୍କ ସ୍ତ୍ରୀ ଭଲଭାବରେ ଚାଲି ପାରୁ ନାହାଁନ୍ତି କି କାନକୁ ଭଲ ଶୁଭୁ ନାହିଁ। ସାନ ପୁଅ ବିଦେଶରେ ରହି ଟଙ୍କା ପଠାଇଲେ ଘର ଚଳୁଛି। ମଝିଆ ପୁଅ,ବଡ଼ ପୁଅ ମା ବାପାଙ୍କୁ ମାଡ଼ ମାରି ନିର୍ଯାତନା ଦେଉଛନ୍ତି। ଏମିତି ପରିସ୍ଥିତିରେ ଯେଉଁ ମାନେ ପରିବାର ବୋଝକୁ ମୁଣ୍ଡେଇବା କଥା ସେମାନେ ଜନ୍ମକଲା ମା' ବାପାକୁ ମାଡ଼ ମାରି ଚାଲିଛନ୍ତି। ସମ୍ପତ୍ତି ପାଇଁ ସେମାନେ



**● ଜମିବାଡ଼ି ବିବାଦ**

ନୃଶଂସ ପାଲଟି ଯାଉଛନ୍ତି। ଏହା ନୂଆ କଥା ନୁହେଁ ଏହା ପୂର୍ବରୁ ଏମିତି ଅନେକ ଥର ପୁଅ ବୋହୂ ସେମାନଙ୍କୁ ମାଡ଼ ମାରିଛନ୍ତି। ତେବେ କେବେବି ମା' ବାପା ପାଟି ଫିଟାଇ ବିରୋଧ କରିନାହାଁନ୍ତି। ତେବେ ସହିବାର ସୀମା ଟପି ଯିବାରୁ ଆଜି ପୁଅ ବୋହୂଙ୍କ ବିରୁଦ୍ଧରେ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରି ଘରକୁ ଫେରି ଯିବା ପରେ ପୁଣି ପୁଅ ବୋହୂ ମାଡ଼ ମାରିଛନ୍ତି ବୋଲି ବାପା ମାଆ ଥାନାରେ ଅଭିଯୋଗ କରି ସେମାନଙ୍କ ସୁରକ୍ଷା ଚାହିଁଛନ୍ତି। ପୁଲିସ ତଦନ୍ତ କରି ପଦକ୍ଷେପ ନେବ ବୋଲି କହିଛି।

## ରବି ଧାନ ସଂଗ୍ରହ ପାଇଁ ମଣ୍ଡି ଉଦ୍‌ଘାଟିତ

ଜଳେଶ୍ୱର ବ୍ଲକ, ୧୫।୫ (ସମିସ) : ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଜଳେଶ୍ୱର ବ୍ଲକରେ ୭,୨୧୯ ଜଣ, ଭୋଗରାଇରେ ୧୧,୨୭୦ ଜଣ ଓ ବାଲିଆପାଳ ବ୍ଲକରେ ୫,୯୩୪ ଜଣ ଚାଷୀ ରବି ଋତୁରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି ସେଥି ମଧ୍ୟରୁ ଜଳେଶ୍ୱର ବ୍ଲକର ସମସ୍ତ ୧୯ ଗୋଟି ସମବାୟ ସମିତି ପକ୍ଷରୁ ସରାକରଙ୍କ ନିୟମ ଅନୁଯାୟୀ ଅଧିକାଂଶ ମଣ୍ଡିରେ ଆଜି ରବି ଋତୁ ଧାନ ସଂଗ୍ରହ ନିମନ୍ତେ ଶୁଭ ଉଦଘାଟନ କରାଯାଇଛି। ଦକ୍ଷିଣପ୍ରହରାଜପୁର ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ରବି ଋତୁ ଧାନ ସଂଗ୍ରହ ଆଜି ସକାଳ ୧୦ ଘଟିକା ସମୟରେ ସମିତିର ସଭାପତି ରଞ୍ଜନ କୁମାର ଜେନା, ଶ୍ରୀରାମପୁର ସରପଞ୍ଚ ଆଲୋକ ଗିରି, ସମିତି ସଭ୍ୟ ଗୋପାଳ ଚନ୍ଦ୍ର ସାମଲ , ଦକ୍ଷିଣ ପ୍ରହରାଜପୁର ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ମୁକୁନ୍ଦ କୁମାର ଜେନା, କମିଟିର ସଦସ୍ୟ ସଞ୍ଜୀବ ରାଉତ, ତାପସ ପ୍ରଧାନ, ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଆଶିଷ ଘୋଷ ରାମଚନ୍ଦ୍ର ଘୋଷ, ଶିଶିର ପ୍ରଧାନ, ଚାଷୀ କମିଟିର ସଦସ୍ୟ ରବିନ୍ଦ୍ର ଜେନା ପ୍ରମୁଖ ଅନେକ ଚାଷୀ ମାନେ ଉପସ୍ଥିତ ରହି ଶୁଭ ମଣ୍ଡି ଉଦଘାଟନରେ ରହିଥିଲେ। ଡିପି ପୁର ସମବାୟ ସମିତିରେ ମୋଟ ୨୮୮ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରେ



ସାମିଲ ହୋଇ ଥିବା ସତ୍ତ୍ୱେ ବାକି ୧୪୪ ଜଣ ଚାଷୀ ପଞ୍ଜିକରଣ ପାଇଁ ଆବେଦନ ଫର୍ମ ଦାଖଲ୍ କରିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଅନଲାଇନ୍ ସାଇଟ୍ ନ ଖୋଲିବା ହେତୁ ପଞ୍ଜିକରଣରୁ ବାଦ୍ ପଡ଼ିଛନ୍ତି ଯାହାକୁ ନେଇ ଏବଂ ସମବାୟ ସମିତିର ବିଭିନ୍ନ ଅବହେଳା ବାବଦରେ ଚାଷୀ ମାନେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଡି.ଆର.ସି.ଏସ ଏବଂ ଏ ଆର୍ ସି ଏସ କୁ ଦାବି ପତ୍ର ପ୍ରଦାନ କରିଥିଲେ ମଧ୍ୟ ଏହାର କୌଣସି ବିଦ୍ଧିବଦ୍ଧ ତଦନ୍ତ ନ ହେବାରୁ ପଞ୍ଜିକରଣ ବାଦ୍ ପଡ଼ିଥିବା ଚାଷୀ ମାନଙ୍କ ମଧ୍ୟରେ ସମବାୟ ସମିତିରେ କିଛି ସମୟ ହୋହଲ୍ଲା କରିବା ସହିତ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।

## ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

ଜଳେଶ୍ୱର,୧୫।୫ (ସମିସ): ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି ଜଳେଶ୍ୱର ଶାଖା ପକ୍ଷରୁ ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ଶିକ୍ଷା ସମ୍ପର୍କିତ ୪ ଦଫା ଦାବି ପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପଠା ଯାଇଛି। ୨୦୨୬ ଏନଟିଏକୁ ସଂପୂର୍ଣ୍ଣ ରଦ୍ଦ କରିବା, ରାଜ୍ୟ ସ୍ତରରେ ପ୍ରବେଶିକା ପରୀକ୍ଷା ଚାଲୁ କରିବା, ସ୍ୱଚ୍ଛ ଏବଂ ମେଧା ଭିତ୍ତିରେ ପରୀକ୍ଷା ଅନୁସାରେ ଚୟନ କରିବା, ନିଟ୍ ପ୍ରଶ୍ନ ପ୍ରଘଟର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀକୁ କଠୋର ଦଣ୍ଡ ଦେବ, ଆଗାମୀ ଦିନରେ ପ୍ରଶ୍ନ ପତ୍ର ପ୍ରଘଟ କୁ ରୋକିବା ଦାବୀରେ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉଚ୍ଚ ଶିକ୍ଷା ଓ ପ୍ରବେଶିକା କ୍ଷେତ୍ରରେ ଦେଶରେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଫଳରେ ମେଧାବୀ ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପଡ଼ିବା ସହିତ ଶିକ୍ଷା ବ୍ୟବସ୍ଥା ଭୁସୁଡି ପଡ଼ିଛି। ତେଣୁ ଶୁକ୍ରବାର ସାରା ଭାରତ ଶିକ୍ଷା ବଞ୍ଚାଓ



କମିଟିର ଜଳେଶ୍?ର ଶାଖାର ଆବାହକ ତଥା ପ୍ରାକ୍ତନ ଅଧ୍ୟକ୍ଷ ଡଃ ପ୍ରଫୁଲ୍ଲ କୁମାର ଦେଙ୍କ ନେତୃତ୍ୱରେ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ଅଧିକାରୀ, ପ୍ରାକ୍ତନ ଶିକ୍ଷକ ବିଷ୍ଣୁପଦ ଦାସ, ରାଜ୍ୟ କମିଟି ସଦସ୍ୟା କ୍ରୀଷ୍ଣାରାଣୀ ସାହୁ ପ୍ରମୁଖ ବିଡ଼ିଓଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଭିତ୍ତିପ୍ରସ୍ତର



ରେମୁଣା,୧୫।୫ (ସମିସ): ଶୁକ୍ରବାର ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ନୂତନ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରଥମେ ଲବଣତୀର୍ଥ ମଣ୍ଡଳର ଇଞ୍ଚୁଡ଼ି ଠାରେ ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ୱାରା ପ୍ରଦତ୍ତ ଓଡିଶା କୋଷ୍ଟ କେନାଲ ରେଞ୍ଜର ବାମପାଶ୍ୱର୍ ତୁଣ୍ଡରା ଛକ ଠାରୁ ଇଞ୍ଚୁଡ଼ି ପାଦଚଲା ପୋଲ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଥିଲେ। ଏହା ପରେ ମଣିନାଗେଶ୍ୱର ମଣ୍ଡଳର ଗୁଡୁ ପଞ୍ଚାୟତ ଅନ୍ତର୍ଗତ ଗୁଡୁପାହି ଗ୍ରାମରେ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପ୍ରଦତ୍ତ ୪ କୋଟି ୪୪ ଲକ୍ଷ ୩୪ ହଜାର ଟଙ୍କା ବ୍ୟୟ ବରାଦରେ ଗୁଡୁପାହୀ ଭୁବନ ଛକ ଠାରୁ ପାତ୍ର ସାହି ଅଙ୍ଗନବାଡି କେନ୍ଦ୍ର ପର୍ଯ୍ୟନ୍ତ ନିର୍ମିତ ହେବାକୁ ଥିବା କଂକ୍ରିଟ ରାସ୍ତାର ନବୀକରଣ କାର୍ଯ୍ୟର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ଏବଂ ଶେଷରେ ଓଡିଶା ସରକାରଙ୍କ ପାନୀୟ ଜଳ ବିଭାଗ ପକ୍ଷରୁ ସି.ଏସ୍.ଆର. ପାଣ୍ଠି ୨୦୨୫-୨୬ ଅନ୍ତର୍ଗତ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେବାକୁ ଥିବା ଗୁଡୁପାହୀ ଡାକ୍ତରଖାନାର ପାଚେରୀ ନିର୍ମାଣ କାର୍ଯ୍ୟର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ସମସ୍ତ ପ୍ରକଳ୍ପ ନିର୍ମାଣ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଯାତାୟତ ସୁବିଧା ସୁଦୃଢ ହେବା ସହିତ ଗ୍ରାମୀଣ ଉନ୍ନୟନକୁ ନୂତନ ଦିଗ ମିଳିବ ବୋଲି ଶ୍ରୀ ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ୍ ରେମୁଣା ବିଧାୟକ ପ୍ରତିନିଧି ଲମ୍ବୋଦର ପ୍ରଧାନ, ଜିଲ୍ଲା ବିଜେପିର ସାଧାରଣ ସମ୍ପାଦକ ପାର୍ଶ୍ୱରାମ ପରିଡ଼ା, ମଣ୍ଡଳ ସଭାପତି ମାନସ ମହାନ୍ତି, ପ୍ରଫୁଲ୍ଲ ଦ୍ୱିବେଦୀ, ପୂର୍ବତନ ମଣ୍ଡଳ ସଭାପତି ଭୋଳାନାଥ ପାତ୍ର, ବିଭୂତି ସେନାପତି, କାର୍ତ୍ତିକ ଚନ୍ଦ୍ର ଦାସ, ସିଲି ବେହେରା, ଅନାଦି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମନୋରଞ୍ଜନ ସୀମାନ୍ତ ଉଚ୍ଚ ବିଦ୍ୟାଳୟର ଏ-୧ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର,୧୫।୫ (ସମିସ) : ୨୦୨୬ ଦଶମଶ୍ରେଣୀ ବୋର୍ଡ ପରୀକ୍ଷାରେ ଜଳେଶ୍ୱର ବ୍ଲକସ୍ଥିତ ନେଡୁଆ ପଞ୍ଚାୟତ ମନୋରଞ୍ଜନ ସୀମାନ୍ତ ଉଚ୍ଚ ବିଦ୍ୟାଳୟ କମାରଶାଳିଆର ଛାତ୍ର ବିଷ୍ଣୁପଦ ଶତପଥି ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ଆଜି ବିଦ୍ୟାଳୟ ମଧ୍ୟରେ ବିଷ୍ଣୁପଦଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଚଳିତବର୍ଷ ଏହି ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ବିଷ୍ଣୁପଦ ଭବିଷ୍ୟତରେ ସଫଳ ଇଞ୍ଜିନିୟର ପାଇଁ ଲକ୍ଷ ରଖିଥିବା କହିଛନ୍ତି। ବିଦ୍ୟାଳୟରେ ଚଳିତ ବର୍ଷ ଏ-୧ ରେ ୧, ଏ-୨ ରେ ୩ , ବି-୧ରେ ୧୪, ବି-୨ରେ ୭ , ସିରେ ୫, ଡିରେ ଗ୍ରେଡ୍‌ରେ ଜଣେ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶତୀଶ ଚନ୍ଦ୍ର ପାତ୍ର, ବିଜ୍ଞାନ ଶିକ୍ଷକ ଅରବିନ୍ଦ ସାମଲ, ଗଣିତ ଶିକ୍ଷକ ବିଷ୍ଣୁପଦ ଦାସ, ହିନ୍ଦୀ ଶିକ୍ଷକ ରଣଜିତ ହୁଇ, କ୍ରୀଡ଼ା ଶିକ୍ଷକ ହେମନ୍ତ କୁମାର କର, ଅଣଶିକ୍ଷକ କର୍ମଚାରୀ ଧନଞ୍ଜୟ ସିଂହ, ଅନନ୍ତ କୁମାର ପରିଡ଼ା, ପରିଚାଳନା କମିଟିର ସଭାପତି ସୁଧୀର କୁମାର କର, ସଭ୍ୟ ବସନ୍ତ କୁମାର ପରିଡ଼ା, ବୈରାଗୀ ଚରଣ ସେଠୀ, ବିଜୟ କୁମାର ମହାନ୍ତିଙ୍କ ସହ ଛାତ୍ରଙ୍କ ପିତା ଦେବୁ କୁମାର ଶତପଥି ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଦ୍ୱିତୀୟ କିସ୍ତି ବଣ୍ଟନ

ରେମୁଣା,୧୫।୫ (ସମିସ): ରେମୁଣା ଏନ. ଏ. ସି. ଅଫିସରେ କାର୍ଯ୍ୟନିର୍ବାହୀ ଅଧିକାରୀ କମଲ ବିହାରୀ ଦାସଙ୍କ ଆବାହକତ୍ୱରେ ଆୟୋଜିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨. ୦ ଯୋଜନାର ଦ୍ୱିତୀୟ କିସ୍ତି କାର୍ଯ୍ୟାଦେଶ ବଣ୍ଟନ କରାଗଲା। ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ରେମୁଣା



ଏନ. ଏ. ସି. ଅଧ୍ୟକ୍ଷା ତନୁଜା ଗିରି, ରେମୁଣା ଏନ. ଏ. ସି. ସଭାପତି ଆଏସାନ ଖାନ ଏବଂ ସମସ୍ତ କାଉଁନସିଲର ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ସୁବ୍ରତ କୁମାର ବେହେରା ଏହି ଯୋଜନା ସମ୍ବନ୍ଧରେ ସମସ୍ତ ହିତାଧିକାରୀଙ୍କୁ ବୁଝାଇଥିଲେ। ପ୍ରଥମ କିସ୍ତିରେ ୭୦୬ ଟି କାର୍ଯ୍ୟାବେଶ ବଣ୍ଟନ କରାଯାଇଥିଲା ଏବଂ ଆଜି ୨୦୫ ଟି କାର୍ଯ୍ୟାବେଶ ବଣ୍ଟନ କରାଯାଇଅଛି। ଆହୁରି ମଧ୍ୟ ୫୦୦ରୁ ଉର୍ଦ୍ଧ ପ୍ରସ୍ତାବ ପାଇଁ ପଠାଯିବ। ଏଥିରେ ଉଲ୍ଲେଖ କରାଯାଇପାରେକି ସରକାରଙ୍କ ପାରିବର୍ଦ୍ଧିତ ଯୋଜନା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅର୍ବାନ ବନ୍ଧୁରେ ଅଧିକ ଘର ପିଛା ୨୫୦୦୦ ଟଙ୍କା ବୃଦ୍ଧି ହୋଇ ଘର ପିଛା ୨ ଲକ୍ଷ ୭୫ ହଜାର ଟଙ୍କା ମିଳିବ। କାର୍ଯ୍ୟାଦେଶ ପାଇବାର ୪ମାସ ମଧ୍ୟରେ ଯଦି ହିତାଧିକାରୀ କାର୍ଯ୍ୟ ସମ୍ପାଦନ କରେ ତେବେ ଅଧିକ ଉତ୍ସାହନ ରାଶି ୨୦ ହଜାର ମିଳିବ। ଏବଂ ୬ ମାସ ମଧ୍ୟରେ କାର୍ଯ୍ୟ ସମ୍ପାଦନ କରେ ୧୦ ହଜାର ମିଳିବ। ଶେଷରେ ନୋଡାଲ ଅଫିସର ଶିବ ଶଙ୍କର ଗିରି ଧନ୍ୟବାଦ ଦେଇଥିଲେ।

## ଦୁଇ ବାଇକ ଧକ୍କାରେ ଜଣେ ମୃତ, ୩ ଗୁରୁତର

ସୋର,୧୫।୫ (ସମିସ): ଅନନ୍ତପୁର ଥାନା ବାଲିଛନ୍ଦାଘାଟ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକା ହେବା ଫଳରେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟତିନି ଜଣ ଗୁରୁତର ଆହତ ହୋଇଛନ୍ତି। କଷିଆ ମେରାଇନ ଥାନା ଅନ୍ତର୍ଗତ ସାନକୃଷ୍ଣପୁର ଗ୍ରାମର ରାମଚନ୍ଦ୍ର ବେହେରା (୪୮) ଓ ତାଙ୍କ ପୁତୁରା ବୁଦ୍ଧିରାମ ବେହେରା(୪୦) ବୋଟରେ ମାଛ ମାରିବାକୁ ସମୁଦ୍ରକୁ ଯାଆନ୍ତି। ଆଜି ମଧ୍ୟାହ୍ନରେ କଷାଫଳରୁ କାମ ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବାଲିଛନ୍ଦା ଘାଟ ନିକଟରେ ବାସୁଦେବପୁରରୁ ଅନନ୍ତପୁର ଅଭିମୁଖେ ଆସୁଥିବା ଏକ ବାଇକ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ରାମଚନ୍ଦ୍ର ଓ ବୁଦ୍ଧିରାମଙ୍କ ସମେତ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ରାମଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ତିନିଜଣଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ସେମାନଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଅନନ୍ତପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ ଦୁଇଟିକୁ ଜବତ କରି ଥାନାରେ ରଖିବା ସହିତ ରାମଚନ୍ଦ୍ରଙ୍କ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।ତେବେ ଅନ୍ୟ ବାଇକରେ ଯାଉଥିବା ଦୁଇ ଜଣଙ୍କ ପରିଚୟ ମିଳିପାରିନାହିଁ।

## ଦୁର୍ଘଟଣାରେ ମୃତ ପୁଅର ଚକ୍ଷୁଦାନ କଲେ ପିତାମାତା

ବାଲେଶ୍ୱର,୧୫।୫ (ସମିସ): ଗତକାଲି ପୂର୍ବାହ୍ନ ପ୍ରାୟ ୧୧.୩୦ ସମୟରେ ରେମୁଣା ଗୋଲେଇ ନିକଟରେ ବାଇକରେ ଯାଉଥିବା ନୂଆଗାଁ (ହର୍ସପୁରା) ଅଞ୍ଚଳର ସରୋଜ ପଣ୍ଡାଙ୍କୁ ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ ଗାଡିରୁ ପଡି



ଚକ ତଳେ ମୁଣ୍ଡ ପଶି ଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସରୋଜ ତାଙ୍କ ପିତା ଜୟଦେବ ପଣ୍ଡା ଓ ମାତା ସୁକାନ୍ତି ପଣ୍ଡାଙ୍କ ଏକ ମାତ୍ର ପୁତ୍ର ଥିଲେ। ଏକ ମାତ୍ର ପୁତ୍ରକୁ ହରେଇ ମଧ୍ୟ ନିଜ ପୁତ୍ରର ଚକ୍ଷୁ ଦାନ କରିବାର ନିଷ୍ପତ୍ତି ନେଇ ଲାୟନ୍ସ କ୍ଲବ ମିତ୍ରପୁରକୁ ଅବଗତ କରିବା ପରେ ଚକ୍ଷୁ ଦାନ ପାଇଁ କର୍ଣ୍ଣୀଆ ରିଟ୍ରାଇଭ ଟେକନିସିଆନ ସନ୍ଧ୍ୟାରାଣୀ ନାୟକଙ୍କ ସହାୟତାରେ ଚକ୍ଷୁଦାନ କରାଯାଇ ଚକ୍ଷୁ ବ୍ୟାଙ୍କକୁ ପଠାଯାଇଛି। ଏଭଳି ମହତ କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଛନ୍ତି।

## ଜାତୀୟ ଡେଙ୍ଗୁ ଦିବସ ଉପଲକ୍ଷେ ପଦଯାତ୍ରା

ବାଲେଶ୍ୱର,୧୫।୫ (ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜାତୀୟ ଡେଙ୍ଗୁ ଦିବସ -୨୦୨୬ ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ପଦଯାତ୍ରା ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ସୂର୍ଯ୍ୟପ୍ରକାଶ ରାଉତ ରୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ସିନେମା ଛକ ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ଉଦଯାପନ ହୋଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଚେତନତା ସଭା ଆୟୋଜିତ ହୋଇଥିଲା। ଚଳିତ ବର୍ଷର ଜାତୀୟ ଡେଙ୍ଗୁ ଦିବସର ବିଷୟବସ୍ତୁ 'ଡେଙ୍ଗୁ ନିୟନ୍ତ୍ରଣ ପାଇଁ ସମୁଦାୟର ସହାଭାଗିତା ନିରୀକ୍ଷଣ କରନ୍ତୁ, ପରିଷ୍କାର କରନ୍ତୁ ଏବଂ ଘୋଡାଇ ରଖନ୍ତୁ'। ଉକ୍ତ ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଅମୁଲ୍ୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବ୍ଲକରୁ ଆସିଥିବା ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ୍ କେନ୍ଦ୍ରର ଅଧ୍ୟୟନରତ ଛାତ୍ରୀ, ମଧୁସୂଦନ ବିଶ୍ୱାଳ, ସୁପ୍ରିୟା ପାଢ଼ୀ, ଜ୍ୟୋତିରଞ୍ଜନ କର, ଅନୁପମା ଦାସ, ତାଲିମ୍ କେନ୍ଦ୍ରର ଟିଉଟରମାନେ ଉପସ୍ଥିତ ଥିଲେ। ସଭାପତି ଶ୍ରୀ ଦାସ ତାଙ୍କ ଅଭିଭାଷଣରେ ପ୍ରତି ସପ୍ତାହରେ ଶୁଷ୍କ ଦିବସ ପାଳନ ଉପରେ ଗଭୀର ଆଲୋକପାତ କରଥିଲେ। ଡ଼ାକ୍ତର ସଂଜୀବ ପ୍ରଧାନ, ଡାକ୍ତର ଗିରିଜା ଶଙ୍କର ଦାସ, ଡାକ୍ତର ସୂର୍ଯ୍ୟ ପ୍ରକାଶ ରାଉତ ରୟ ନିଜର ମତ ବ୍ୟକ୍ତ କରିଥିଲେ। ସୁପ୍ରିୟା ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିଆପାଳରେ ତେଲ ସଙ୍କଟ, ଲୋକେ ହନ୍ତସନ୍ତ

କାଳିପଦା, ୧୫।୫ (ସମିସ): ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଶୁକ୍ରବାର ତେଲ ସଙ୍କଟ ଖୁବ ପରିଲକ୍ଷିତ ହୋଇଛି। ତେଲ ଟାଙ୍କି ଗୁଡିକରେ ପ୍ରବଳ ଗହଳି ହୋଇଛି। ବହୁ ଲୋକ ସେମାନଙ୍କ ଦୁଇ ଚକିଆ ଓ ଚାରି ଚକିଆ ଗାଡ଼ିରେ ପେଟ୍ରୋଲ ପକାଇ ନ ପାରି ନିରାଶ ହୋଇ ଛନ୍ତି। କେତେକ ତେଲ ଟାଙ୍କି ମାଲିକ ଲୋକଙ୍କୁ ୫୦ ଟଙ୍କା ତେଲ ଦେଉଥିବା ବେଳେ କେତେକ ଟାଙ୍କି ମାଲିକ ଶହେ କିମ୍ବା ଦୁଇ ଶହ ଟଙ୍କାର ତେଲ ଦେଉଛନ୍ତି। କେଉଁ ଟାଙ୍କିରେ ବି ଆଦୌ ତେଲ ମିଳିନାହିଁ। ପ୍ରତ୍ୟେକ ତେଲ ଟାଙ୍କିରେ ସକାଳ ଠୁ ବାଇକ ଧାରୀ ମାନେ ଲମ୍ବା ଧାଡିରେ ଛିଡା ହୋଇଥିବା ଦେଖିବାକୁ ମିଳିଛି। କେତେକ ଟାଙ୍କି ମାଲିକ ଲୋକଙ୍କୁ ଠକାଇ ଚୋରାରେ ତେଲ ବିକୁଥିବା ଅଭିଯୋଗ ହୋଇଛି। ଏହାକୁ କେନ୍ଦ୍ରକରି ଛୋଟ ମୋଟ ଗଣ୍ଡଗୋଳ ମଧ୍ୟ ପରି ଲକ୍ଷିତ ହୋଇଛି। ଟାଙ୍କି ମାଲିକମାନେ ତେଲକୁ ବେଆଇନ ଭାବେ ମହଜୁତ କରି ରଖିଥିବା ଲୋକେ ମଧ୍ୟ ଅଭିଯୋଗ କରିଛନ୍ତି। ଅଭିଯୋଗ ନେଇ ବାଲିଆପାଳ ଯୋଗାଣ ଅଧିକାରୀଙ୍କ ସହିତ ଯୋଗାଯୋଗ ହୋଇ ପାରି ନାହିଁ। ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦିଅନ୍ତୁ ବୋଲି ଗୋକୁଳାନନ୍ଦ ମହାନ୍ତି, ସୁଦର୍ଶନ ବେହେରା, ହରି ନାରାୟଣ ମହାନ୍ତି, ସୁଜୟ କୁମାର ଦେ, ମଦନ ମୋହନ ବାରିକ, ପୂର୍ଣ୍ଣ ଚନ୍ଦ୍ର ଦେ, ହରେକୃଷ୍ଣ ପ୍ରାମାଣିକ, ଶୁକଦେବ ସାମନ୍ତରାୟ, କୃପା ସିନ୍ଧୁ ମାହାନା ପ୍ରମୁଖ ଦୃଢ ଦାବି କରିଛନ୍ତି।

### ଦରମା ପ୍ରଦାନରେ ଅହେତୁକ ବିଳମ୍ବ

# ଏଫ୍‌ଏମ୍‌ୟୁ ଅଧ୍ୟାପକ-ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀଙ୍କ ଧାରଣା

ବାଲେଶ୍ୱର,୧୫।୫ (ସମିସ)



ଦରମା ପ୍ରଦାନରେ ଅହେତୁକ ବିଳମ୍ବ ପ୍ରତିବାଦରେ ଆଜି ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଧାରଣା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ ସାମିଲ ହୋଇଥିଲେ। ଚଳିତ ଏପ୍ରିଲ ମାସର ଦରମା ପ୍ରଦାନରେ ପ୍ରାୟ ୧୫ ଦିନର ଅହେତୁକ ବିଳମ୍ବ ଘଟିଥିବା ପ୍ରତିବାଦରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଭବନ ସମ୍ମୁଖରେ ସାମୁହିକ ଧାରଣାରେ ବସିଥିଲେ। ଧାରଣାରେ ଯୋଗ ଦେଇଥିବା ସମସ୍ତ କର୍ମଚାରୀମାନେ ଦାବି କରିଥିଲେ ଯେ, ନିୟମିତ ଓ ଠିକ ସମୟରେ ଦରମା ପ୍ରଦାନ କରାଯାଉ ଏବଂ ଏହା ସମ୍ବନ୍ଧୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ଆର୍ଥିକ ଓ ପ୍ରଶାସନିକ ଅଧିକାର ପୁନର୍ବାର ପ୍ରଦାନ କରାଯାଉ। ସେମାନଙ୍କ କହିବା ଅନୁସାରେ, ଦରମାରେ ଏପରି ବିଳମ୍ବ କର୍ମଚାରୀମାନଙ୍କ ଦୈନିକ ଜୀବନ ଓ ପରିବାରିକ ଆର୍ଥିକ ପରିଚାଳନାରେ ଗୁରୁତର ପ୍ରଭାବ ପକାଉଛି। ଯଦି ଶୀଘ୍ର ସମସ୍ୟାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଧାରଣାରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ ବ୍ୟାପକ ଭାବେ ସାମିଲ ହୋଇଥିଲେ।

